# NATIONAL NEWS BULLETIN (ODIA)

**28 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ପ୍ରଦାନ କରିବେ ପଦ୍ମ ପୁରସ୍କାର ।
- ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ
- ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କିଣିବା ଲାଗି ଭାରତ ଓ ଫ୍ରାନ୍ସ ମଧ୍ୟରେ ଆଜି ସ୍ୱାକ୍ଷରିତ ହେବ ପ୍ରତିରକ୍ଷା ଚୁକ୍ତି
- ଭାରତୀୟ ଜାତୀୟ ଅଭିଲେଖାଗାର ଅଧିଗ୍ରହଣ କଲା ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ବ୍ୟକ୍ତିଗତ ଦସ୍ତାବିଜ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ରାଜସ୍ଥାନ ରୟାଲ୍‌ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍

---

## ପ୍ରେଜ୍-ପଦ୍ମ ଆୱାର୍ଡସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ସମ୍ମାନ **ପଦ୍ମ ପୁରସ୍କାର** ପ୍ରଦାନ କରିବେ । ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ । ସମାଜର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୩୯ ଜଣଙ୍କୁ ଏଥିପାଇଁ ମନୋନୀତ କରାଯାଇଛି । ସେଥିମଧ୍ୟରେ ୭ଟି ପଦ୍ମ ବିଭୂଷଣ,

୧୯ଟି ପଦ୍ମଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ରହିଛି । ବିଶିଷ୍ଟ ଭାଓଲିନ୍ ବାଦକ ଏବଂ କମ୍ପୋଜର ଡକ୍ଟର ଏଲ୍. ସୁବ୍ରମଣିୟାନ୍ ଏବଂ ଗ୍ୟାଷ୍ଟ୍ରୋ ଏଣ୍ଟ୍ରୋଲୋଜିଷ୍ଟ ଏନ୍. ନାଗେଶ୍ୱର ରେଡ୍ଡୀ, ପ୍ରସାର ଭାରତୀର ଅଧ୍ୟକ୍ଷ ଏ.ସୂର୍ଯ୍ୟକୁମାର, ଚଳଚ୍ଚିତ୍ର ଅଭିନେତା ଅନନ୍ତ ନାଗ, ନନ୍ଦମୁରୀ ବାଳକ୍ରିଷ୍ଣନ ଏବଂ ଏସ୍.ଅଜିତ କୁମାର, ଭାରତନାଟ୍ୟମ୍‌ର ନୃତ୍ୟଶିଳ୍ପୀ ଶୋଭା ଚନ୍ଦ୍ର କୁମାର ଓ ଭାରତୀୟ ପୁରୁଷ ହକି ଦଳର ପୂର୍ବତନ ଅଧିନାୟକ ପି.ଆର୍. ଶ୍ରୀଜେସ୍ ପ୍ରମୁଖଙ୍କୁ ସମ୍ମାନିତ କରାଯିବ ।

## ରାଜନାଥ-ପିଏମ୍ ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସହ ବୈଠକ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକ ପ୍ରାୟ ୪୦ ମିନିଟ୍ ଧରି ଚାଲିଥିଲା । ବୈଠକରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରେ ଭାରତ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

ଗତକାଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଅନୀଲ ଚୌହାନ ପ୍ରତିରକ୍ଷାମନ୍ତ୍ରୀଙ୍କ ସହ ବୈଠକ କରିଥିଲେ । ଦିଲ୍ଲୀସ୍ଥିତ ପ୍ରତିରକ୍ଷାମନ୍ତ୍ରୀଙ୍କ ବାସଭବନରେ ଉଭୟଙ୍କ ମଧ୍ୟରେ ସାମରିକ ପ୍ରସ୍ତୁତି ସଂପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ମିଳିଥିବା ସୂଚନା ଅନୁଯାୟୀ, ଜେନେରାଲ୍ ଚୌହାନ ଆତଙ୍କବାଦକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସାମରିକ ରଣନୀତି ପ୍ରସ୍ତୁତି ସଂପର୍କରେ ପ୍ରତିରକ୍ଷାମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ଅନ୍ୟପକ୍ଷରେ ବିଏସ୍ଏଫ୍ ମହାନିର୍ଦ୍ଦେଶକ ଦଲଜିତ୍ ସିଂ ଚୌଧୁରୀ ମଧ୍ୟ ଗତକାଲି ସ୍ୱରାଷ୍ଟ୍ରମନ୍ତ୍ରଣାଳୟକୁ ଯାଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

କରିଛନ୍ତି । ଭାରତୀୟ ନୌସେନା ଗତକାଲି ଜାହାଜ ବିରୋଧୀ କ୍ଷେପଣାସ୍ତ୍ର ଅଭ୍ୟାସକୁ ସଫଳତାର ସହ ସଂପନ୍ନ କରିଛି । ନୌସେନା ଜାହାଜରୁ ଏହା ପରୀକ୍ଷା କରାଯାଇଥିଲା ।

# ଇଣ୍ଡୋ-ଫ୍ରାନ୍ସ ରାଫେଲ

ଭାରତ ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କିଣିବା ପାଇଁ ଆଜି ଅପରାହ୍ନରେ ଫ୍ରାନ୍ସ ସହ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବ । ସୂଚନା ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀ ଏବଂ ଭାରତରେ ଅବସ୍ଥାପିତ ଫ୍ରାନ୍ସ ରାଷ୍ଟ୍ରଦୂତ ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉଭୟପକ୍ଷର ପ୍ରତିନିଧିତ୍ୱ କରିବେ । ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବାର ସମ୍ଭାବନା ରହିଛି ।

୨୬ଟି ରାଫେଲ ସାମୁଦ୍ରିକ ବିମାନ ମଧ୍ୟରୁ ୨୨ଟି ଏକ ଆସନ ବିଶିଷ୍ଟ ହୋଇଥିବା ବେଳେ ୪ଟି ଦୁଇଟିକିଆ ଆସନ ବିଶିଷ୍ଟ ବିମାନ । ଏହି ସବୁ ବିମାନକୁ ଭାରତୀୟ ନୌସେନାର ଆବଶ୍ୟକତା ଅନୁଯାୟୀ ଡିଜାଇନ୍ କରାଯିବ ବୋଲି ଜଣାପଡ଼ିଛି । ରାଫେଲ ସାମୁଦ୍ରିକ ବିମାନ ସାମିଲ ହେବା ପରେ ନୌସେନାର ଶକ୍ତି ବହୁଗୁଣିତ ହେବ ।

# ଯୋଗାସନ ଚମ୍ପିୟାନ୍‌ସିପ୍

ଭାରତ ଦ୍ୱିତୀୟ ଏସୀୟ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ୮୩ଟି ସ୍ୱର୍ଣ୍ଣପଦକ ସହ ଭାରତ ପଦକ ତାଲିକାର ଶୀର୍ଷରେ ରହିଛି । ଆୟୋଜକ ଦଳ ୩ଟି ରୌପ୍ୟ ଓ କାଂସ୍ୟ ପଦକ ସହ ୮୭ଟି ପଦକ ହାସଲ କରିଛି । ମଙ୍ଗୋଲିଆ, ଓମାନ୍ ଓ ନେପାଳ ଶୀର୍ଷ ୫ଟି ସ୍ଥାନରେ ରହିଛନ୍ତି । ଏହି ପ୍ରତିଯୋଗିତାରେ ଜାପାନ, ମଙ୍ଗୋଲିଆ,

ନେପାଳ ଓ ଶ୍ରୀଲଙ୍କା ସମେତ ୨୧ଟି ଦେଶର କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରାଙ୍କ ସମେତ ଯୋଗାସନ ମହାସଂଘର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## କାଠମାଣ୍ଡୁ ପ୍ରୋଟେଷ୍ଟ

କାଠମାଣ୍ଡୁରେ ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ଗଣ୍ଡଗୋଳରେ ପ୍ରାୟ ୨୬ ଜଣ ଶିକ୍ଷକ, ପୋଲିସ୍ ଓ ସାମ୍ବାଦିକ ଆହତ ହୋଇଛନ୍ତି । ଆନ୍ଦୋଳନରତ ଶିକ୍ଷକମାନେ ବ୍ୟାରିକେଡ୍ ଅତିକ୍ରମ କରି ସଂସଦ ଭବନ ନିକଟରେ ଥିବା ନିଉ ବନେଶ୍ୱର ନିଷିଦ୍ଧ ଅଞ୍ଚଳରେ ପ୍ରବେଶ କରିବାକୁ ଚେଷ୍ଟା କରିବାରୁ ସଂଘର୍ଷ ଘଟିଥିଲା । ବିକ୍ଷୋଭକାରୀ ଶିକ୍ଷକମାନଙ୍କ ସହ ସଂଘର୍ଷ ବେଳେ ୫ ଜଣ ପୋଲିସ୍ କର୍ମଚାରୀ, ଜଣେ ସାମ୍ବାଦିକ ଓ ୨୦ ଜଣ ଶିକ୍ଷକ ଆହତ ହୋଇଛନ୍ତି । ଆହତମାନଙ୍କୁ କାଠମାଣ୍ଡୁର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ନୂତନ ବିଦ୍ୟାଳୟ ଶିକ୍ଷା ଆଇନ ପ୍ରଣୟନ ଦାବିରେ ଶିକ୍ଷକମାନେ ୩ ସପ୍ତାହରୁ ଅଧିକ ଦିନ ଧରି ଆନ୍ଦୋଳନ ଜାରି ରଖିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ରୋଗ ପ୍ରତିରୋଧକରେ ଟିକାକରଣର ଭୂମିକା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଜାତୀୟ ବୈଷୟିକ ପରାମର୍ଶଦାତା ଗୋଷ୍ଠୀର ଅଧ୍ୟକ୍ଷ ଡକ୍ଟର ଏନ୍.କେ. ଅରୋଡା ଏବଂ ନୂଆଦିଲ୍ଲୀସ୍ଥିତ ସ୍ୱାମୀ ଦୟାନନ୍ଦ ହସ୍ପିଟାଲର ଶିଶୁରୋଗ ଓ ନିଓନାଟୋଲୋଜିର ମୁଖ୍ୟ ଡାକ୍ତର ସୁରେନ୍ଦ୍ର ସିଂ ଆଲୋଚନାରେ ଅଂଶ

ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଜେକେ ଆସେମ୍ବ୍ଲି ସେସନ୍

ଜାମ୍ମୁ କାଶ୍ମୀର ବିଧାନସଭାର ଆଜି ଅନୁଷ୍ଠିତ ସ୍ୱତନ୍ତ୍ର ଅଧିବେଶନରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଦୁଃଖ ପ୍ରକାଶ କରାଯିବା ସହ ଏହାକୁ ନିନ୍ଦା କରାଯାଇଛି ।  ଆତଙ୍କବାଦୀ ଆକ୍ରମଣରେ ନିହତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଅଧିବେଶନ ଆରମ୍ଭରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅଧିବେଶନରେ ଦେଶର ସାଂପ୍ରଦାୟିକ ସଦ୍‌ଭାବନା ଓ ପ୍ରଗତିକୁ ବାଧା ଦେବା ପାଇଁ ଆତଙ୍କବାଦୀଙ୍କ ଘୃଣ୍ୟ ଯୋଜନାକୁ ପଣ୍ଡ କରିବା ନିମନ୍ତେ ସଂକଳ୍ପ ଗ୍ରହଣ କରାଯାଇଛି । ଏହି ସ୍ୱତନ୍ତ୍ର ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ସୁରୀନ୍ଦର ଚୌଧୁରୀ  ଆତଙ୍କବାଦୀ ଆକ୍ରମଣ ଘଟଣା ସଂପର୍କିତ ଏକ ପ୍ରସ୍ତାବ ଆଗତ କରିଥିଲେ ।

## ନ୍ୟାଶନାଲ୍ ଆର୍କାଇଭ୍ସ ସ୍କଲାର

ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କ ବ୍ୟକ୍ତିଗତ ଦସ୍ତାବିଜ ସଂଗ୍ରହକୁ ଆଜି ଭାରତୀୟ ଜାତୀୟ ଅଭିଲେଖାଗାର ଅଧିଗ୍ରହଣ କରିଛି । ଡକ୍ଟର କଲାମଙ୍କ ପରିବାର ପକ୍ଷରୁ ଦସ୍ତାବିଜ ହସ୍ତାନ୍ତର ପାଇଁ ଦସ୍ତଖତ ସମାରୋହର ଆୟୋଜନ କରାଯାଇଥିଲା । ଏହି ଅବସରରେ

ଜାତୀୟ ଅଭିଲେଖାଗାରର ମହାନିର୍ଦ୍ଦେଶକ ଅରୁଣ ସିଂଘଲ ଉପସ୍ଥିତ ଥିଲେ । ଶ୍ରୀ ସିଂଘଲ କହିଛନ୍ତି, ଭାରତୀୟ ଜାତୀୟ ଅଭିଲେଖାଗାର ପୂର୍ବତନ ରାଷ୍ଟ୍ରପତିମାନଙ୍କ ସଂପର୍କରେ ଦସ୍ତାବିଜ ସଂଗ୍ରହ ପ୍ରକ୍ରିୟା ଜାରି ରଖିଛି । ସେ କହିଛନ୍ତି, ସଂଗଠନ ପାଖରେ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ଭି.ଭି. ଗିରିଙ୍କ ଦସ୍ତାବିଜ୍ ରହିଛି ।

**V/O**

**(Kalam- Arun Singhal)**

ଭାରତୀୟ ଜାତୀୟ ଅଭିଲେଖାଗାର ଏକ ପ୍ରମୁଖ ଅନୁଷ୍ଠାନ ଭାବରେ ଭାରତ ସରକାରଙ୍କ ବିଭିନ୍ନ ଦସ୍ତାବିଜ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଭବିଷ୍ୟତରେ ବିଭିନ୍ନ ବ୍ୟକ୍ତିବିଶେଷ, ଗବେଷକ ଓ ପ୍ରତିଷ୍ଠାନଗୁଡ଼ିକର ବ୍ୟବହାର ପାଇଁ ସୁରକ୍ଷିତ ରଖିଥାଏ ।

---

# ୱେଭ୍ସ-ବେସିଲ୍ ଚ୍ୟାଲେଞ୍ଜ

ଆଗାମୀ ବିଶ୍ୱ ଦୃଶ୍ୟଶ୍ରାବ୍ୟ ସମ୍ମିଳନୀ ୱେଭ୍ସ-୨୦୨୫ ଆୟୋଜନ ପରିପ୍ରେକ୍ଷୀରେ ଇଣ୍ଡିଆ ଏ ବାର୍ଡସ୍ ଆଇ ଭିଉ ଚ୍ୟାଲେଞ୍ଜ ବର୍ଗରେ ୫ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଛି । ଡ୍ରୋନ୍ ସିନେମା ଅଟୋଗ୍ରାଫି ମାଧ୍ୟମରେ ଭାରତର ସୌନ୍ଦର୍ଯ୍ୟ, ବିବିଧ ଦୃଶ୍ୟ, ଐତିହ୍ୟ, ସଂସ୍କୃତି, ଉଦ୍‌ଭାବନ, ପ୍ରଗତି ଏବଂ ପରିବର୍ତ୍ତନ ଉପରେ ଆଲୋକପାତ କରି ୨ କିମ୍ବା ୩ ମିନିଟ୍‌ର ଭିଡ଼ିଓ ଦାଖଲ କରିବାକୁ ଏହି ବର୍ଗରେ ଆମନ୍ତ୍ରଣ କରାଯାଇଥିଲା । ଏଥିପାଇଁ ୨ଟି ଶ୍ରେଣୀକୁ ସାମିଲ କରାଯାଇଥିଲା । ଏଥିରେ ୧୩ଶହରୁ ଅଧିକ ପଞ୍ଜୀକୃତ ହୋଇଥିଲେ । ମନୋନୀତ

ହୋଇଥିବା ଚୂଡ଼ାନ୍ତ ପ୍ରତିଯୋଗୀଙ୍କ ଭିଡ଼ିଓ ଶିଖର ସମ୍ମିଳନୀରେ ପ୍ରଦର୍ଶନ କରାଯିବା ସହ ବିଜେତାଙ୍କ ନାମ ଘୋଷଣା କରାଯିବ ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ମିନି ରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରଡକାଷ୍ଟ ଇଞ୍ଜିନିୟରିଂ କନ୍‌ସଲ୍‌ଟାନ୍ସ ଇଣ୍ଡିଆ ଲିମିଟେଡ୍ - **BECIL** ପକ୍ଷରୁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟା ସାଢ଼େ୭ଟାରେ ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍‌ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ ।

ଗତକାଲି ଦ୍ୱିତୀୟ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୬ ଊ୍ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍‌ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ଊ୍ୱିକେଟ୍ ବିନିମୟରେ ୧୬୨ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଆରସିବି ୧୮ ଓଭର୍ ୩ଟି ବଲ୍‌ରେ ୪ ଊ୍ୱିକେଟ୍ ବିନିମୟରେ ବିଜୟ ହାସଲ କରିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫୪ ରନ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ପରାସ୍ତ କରିଥିଲା ।

ଆଇପିଏଲ୍ ତାଲିକାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୧୦ଟି ମ୍ୟାଚ୍‌ରୁ ୭ଟିରେ ବିଜୟଲାଭ କରି ୧୪ ପଏଣ୍ଟ ସହ ଶୀର୍ଷରେ ଥିଲାବେଳେ ଗୁଜରାଟ ଟାଇଟନ୍ସ, ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ୧୨ ପଏଣ୍ଟ ସହ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ଅଛନ୍ତି ।

# କଳିଙ୍ଗ କପ୍

କଳିଙ୍ଗ ସୁପର୍ କପ୍ ଫୁଟବଲ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟକୁ ମୁମ୍ବାଇ ସିଟି ଫୁଟବଲ କ୍ଲବ, ଫୁଟବଲ କ୍ଲବ ଗୋଆ, ଜାମସେଦପୁର ଫୁଟବଲ କ୍ଲବ ଓ ମୋହନ ବାଗନ ସୁପରଜ୍ୟାଣ୍ଟ୍ ଉନ୍ନୀତ ହୋଇଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗତକାଲି ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ୍‌ରେ ମୁମ୍ବାଇ ସିଟି ଫୁଟବଲ କ୍ଲବ ୧-୦ ଗୋଲ୍‌ରେ ଇଣ୍ଟର କାଶୀକୁ ପରାସ୍ତ କରିଥିବା ବେଳେ ଚତୁର୍ଥ କ୍ୱାର୍ଟର ଫାଇନାଲ୍‌ରେ ଜାମସେଦପୁର ସୁଟ୍‌ଆଉଟ୍ ସହାୟତାରେ ୫-୪ ଗୋଲ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ କୁ ପରାସ୍ତ କରିଥିଲା । ଆସନ୍ତା ବୁଧବାର ଦିନ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।